ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.303 Bhubaneswar Wednesday, January 26, 2022 | ୨୪ତମ ବର୍ଷ | ସଂଖ୍ୟା-୩୦୩ | ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୬, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଗାଇଡ୍ ଲାଇନ୍ ଜାରି କଲେ ଏସଆରସି

ଭୁବନେଶ୍ୱର, ୨୫।୧(ପି.ଏନ): ଆସନ୍ତାକାଲି ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ସ୍ୱତନ୍ତ୍ର ଗାଇଡଲାଇନ ଜାରି କରିଛନ୍ତି। ଗାଇଡ୍ ଲାଇନ୍ ଅନୁଯାୟୀ ଯେଉଁମାନେ ବ୍ୟକ୍ତିଗତ ଭାବେ ନିଜ ଘରେ ଜାତୀୟ ପତାକା ଉତୋଳନ କରିବେ ସେହି ସ୍ଥାନରେ ସର୍ବାଧିକ ପାଇଁ ୫ ଜଣ ଉପସ୍ଥିତ ରହିପାରିବେ।ସେହିପରି କ୍ଲବ୍, ବେସରକାରୀ ଅନୁଷ୍ଠାନରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ ପାଇଁ ୧୦ ଜଣଙ୍କୁ ଅନୁମତି ଦିଆଯିବ। ଜାତୀୟ ପତାକା ଉତୋଳନ ବେଳେ ମାସ୍କ ପିନ୍ଧିବା, ସାନିଟାଇଜ୍ କରାଯିବା ଓ ସାମାଜିକ ଦୂରତା ବଜାୟ ରଖିବା ଭଳି ସବୁ କୋଭିଡ୍ କଟକଣା ମାନିବାକୁ ପରାମର୍ଶ ଦିଆଯାଇଛି।



### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୨ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-68 (Gov.&CM-225, Min.-144)
15001/13/0118/2122



### ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା




## ପୁଣି ଫେରିବ ଶୀତ ଲହରୀ

ଭୁବନେଶ୍ୱର, ୨୫।୧(ପି.ଏନ): ରାଜ୍ୟକୁ ପୁଣି ଫେରିବ ଶୀତ ଲହରୀ। ୨୮ ତାରିଖରୁ ଆଭ୍ୟନ୍ତରୀଣ ଜିଲ୍ଲାରେ ଶୀତ ଲହରୀ ଲାଗି ରହିବ। ଓଡିଶା ମଧ୍ୟକୁ ୨୬ ଜାନୁଆରୀ ଠାରୁ ଉତର-ପଶ୍ଚିମ ଦିଗରୁ ଥଣ୍ଡା ଏବଂ ଶୁଷ୍କ ବାୟୁ ପ୍ରବାହ ଶକ୍ତିଶାଳୀ ହେଉଥିବାରୁ ୨୮-୨୯ ତାରିଖରେ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ଶୀତ ଲହରୀ ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାକୁ କୁହୁଡ଼ି ପାଇଁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ପ୍ରତିଭା ରାୟଙ୍କୁ ପଦ୍ମଭୂଷଣ, ବାବା ବଳିଆଙ୍କୁ ପଦ୍ମଶ୍ରୀ ସମ୍ମାନ

ଭୁବନେଶ୍ୱର,୨୫।୧(ପି.ଏନ) : ଆଜି ଘୋଷଣା ହୋଇଛି ୨୦୨୧ ବର୍ଷ ପାଇଁ ସମ୍ମାନଜନକ ପଦ୍ମ ପୁରସ୍କାର। ଏଥିରେ ଓଡ଼ିଶାରୁ ୭ ଜଣ ଅଛନ୍ତି। ବିଶିଷ୍ଟ ଓଡିଆ ସାହିତ୍ୟିକ ପ୍ରତିଭା ରାୟଙ୍କୁ ମିଳିବ ପଦ୍ମଭୂଷଣ ସମ୍ମାନ। ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କୁ ପଦ୍ମଶ୍ରୀ ସମ୍ମାନ। ସମାଜସେବା ପାଇଁ ଶିଶୁ ଅନନ୍ତ ମଠର ମହନ୍ତ ମହାରାଜ ଶ୍ରୀମଦ୍ ବାବା ବଳିଆଙ୍କୁ ପଦ୍ମଶ୍ରୀ ସମ୍ମାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପାଇଁ ଆଦିତ୍ୟ ପ୍ରସାଦ ଦାଶଙ୍କୁ ପଦ୍ମଶ୍ରୀ, କଳା କ୍ଷେତ୍ରରେ ଅବଦାନ ପାଇଁ ଶ୍ୟାମାମଣୀ ଦେବୀଙ୍କୁ ପଦ୍ମଶ୍ରୀ, ସାହିତ୍ୟ ଓ ଶିକ୍ଷା ପାଇଁ ନରସିଂହ ପ୍ରସାଦ ଗୁରୁଙ୍କୁ ପଦ୍ମଶ୍ରୀ,





ସିଭିଲ ସର୍ଭିସ ପାଇଁ ଗୁରୁପ୍ରସାଦ ମହାପାତ୍ରଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରଯିବ।ଭାରତର ପ୍ରଥମ ସିଡିଏସ୍ ବିପିନ ରାଓ୍ବତଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ ସମ୍ମାନ, ପୂର୍ବତନ ୟୁପି ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ, ରାଧେ ଶ୍ୟାମ ଖେମକାଙ୍କୁ ସାହିତ୍ୟ ପାଇଁ ମରଣୋତ୍ତର ପଦ୍ମ ବିଭୂଷଣ, କଳା କ୍ଷେତ୍ରରେ ଅବଦାନ ପାଇଁ ପ୍ରଭା ଆତ୍ରେଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ।୧୭ ଜଣଙ୍କୁ ପଦ୍ମଭୂଷଣ ଓ ୧୦୭ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବ। ଗୁଲାମ ନବୀ ଆଜାଦ, ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କୁ ପଦ୍ମଭୂଷଣ,ପାରା ଆଥଲେଟ୍ ଦେବେନ୍ଦ୍ର ଝାଝାରିଆ, ସୁନ୍ଦର ପିଚ୍ଚାଇଙ୍କୁ ପଦ୍ମଭୂଷଣ, ସାଇରସ୍ ପୁନାୱାଲାଙ୍କୁ ପଦ୍ମଭୂଷଣ ସମ୍ମାନ, ଆଥଲେଟ୍ ସୁମିତ ଅଣ୍ଟିଲ, ନୀରଜ ଚୋପ୍ରା, ବନ୍ଦନା କାଟରିଆଙ୍କୁ ପଦ୍ମଶ୍ରୀ, କଳା କ୍ଷେତ୍ର ପାଇଁ ଚନ୍ଦ୍ର ପ୍ରକାଶ ଦ୍ୱିବେଦୀଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବ।



କର୍ମଚାରୀ ରାଜ୍ୟ ବୀମା ନିଗମ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମଚାରୀମାନଙ୍କ ତରଫରୁ ଦିବ୍ୟାଙ୍ଗ ପରିଚାଳିତ ଇଣ୍ଡିଆନ୍ ଚାରିଟି ଫାଉଣ୍ଡେସନ ଟ୍ରଷ୍ଟକୁ ଏକ କ୍ୟାସିଓ ପ୍ରଦାନ କରାଯାଇଅଛି।

## ଗୋଟିଏ ଦିନରେ ୫୮୯୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୮୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୧୭୮୪୨କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୮୫୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୩୧ ହଜାର ୯୧୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୭୩୪୦ ରହିଛି ।ଆଜି ଚିହ୍ନଟ ହୋଇଥିବା ୫୮୯୧ ଜଣଙ୍କ ମଧ୍ୟରୁ ୩୪୧୩ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪୭୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୫୦୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୦୬, ବାଲେଶ୍ୱର ଜିଲ୍ଲାରୁ ୨୩୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୮୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଗାଁରେ ମଧ କରୋନା ସଂକ୍ରମଣର ଉପସ୍ଥିତି ରହିଛି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୫।୧(ପି.ଏନ): ସଂକ୍ରମଣ ସବୁ ଜିଲ୍ଲାରେ ରହିଛି। ଲୋକମାନଙ୍କ ବ୍ୟବହାରରେ ଯେମିତି ସଂକ୍ରମଣ ନ ବଢୁ ସେ ନେଇ ଯତ୍ନବାନ ହେବାର ରହିଛି। କେବଳ ସହରରେ ନୁହେଁ, ଗାଁମାନଙ୍କରେ ମଧ ସଂକ୍ରମଣର ଉପସ୍ଥିତି ରହିଛି । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଆଜି ସାମ୍ବାଦିକମାନଙ୍କ ସହ କଥାବାର୍ତା ବେଳେ ଏହା କହିଛନ୍ତି । ସେ କହିଛନ୍ତି ଯେ ଗତ ୧୨ ତାରିଖରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ସଂକ୍ରମଣ କମିବା ଆରମ୍ଭ କରିଛି। ଯଦି ଏହି ଧାରା ଆଉ କିଛି ଦିନ ଯାଏଁ ଜାରି ରହେ ଆମେ କହିପାରିବା ରାଜ୍ୟ ପିକ ଅତିକ୍ରମ କରି ସାରିଛି ବୋଲି। ଯାହା କି ଏକ ଆଶ୍ୱସ୍ତିର ଖବର ମଧ୍ୟ କୁହାଯାଇପାରେ। ସେ କହିଛନ୍ତି ଯେ ଯଦି ଏହି ଭିତରେ ସଂକ୍ରମଣ ପୁଣି ବଢେ ତାହାଲେ ଆକଳନ ଭୁଲ ହୋଇ ପାରେ। ରାଜ୍ୟରେ କିଛି ଦିନ ହେବ ମୃତ୍ୟୁ ସଂଖ୍ୟା ୬ ରୁ ୭ ଭିତରେ ରହୁଛି। ଯେତିକି ସରକାରଙ୍କ ତଥ୍ୟ ଦିଆଯାଇଛି ୯୫% ବହୁବିଧ ରୋଗୀ ରହୁଛନ୍ତି। ବର୍ତମାନର ମୃତ୍ୟୁସଂଖ୍ୟା ଦେଖି ରାଜ୍ୟରେ ମୃତ୍ୟୁ ବଢିଛି ବୋଲି କହି ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

### ଛୁଟି ଘୋଷଣା

ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଜାନୁଆରୀ ୨୬ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖରେ ପ୍ରକାଶ ପାଇବ । -ପ୍ରକାଶକ

ଓଡ଼ିଶା ସରକାର



### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏକ ସମୃଦ୍ଧ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ଆମର ମିଳିତ ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆଜିର ଦିନରେ ଶପଥ ନେବା ।

ସତର୍କ ରହିବା ଓ କରୋନା ଗାଇଡ୍ ଲାଇନ୍ ମାନି ଚଳିବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-68 (Gov.&CM-225, Min.-144)
15001/13/0118/2122



### ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହି ଅବସରରେ ଆମର ପୂର୍ବସୂରୀ, ସ୍ୱାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀମାନଙ୍କର ଅତୁଳନୀୟ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହ ଆମ ସମ୍ବିଧାନର ମହତ୍ ଉଦ୍ଦେଶ୍ୟ, ମୂଲ୍ୟବୋଧ ଅନୁଯାୟୀ ଦାୟିତ୍ୱ ପାଳନକୁ ପରମ କର୍ତ୍ତବ୍ୟ ଭାବେ ଗ୍ରହଣ କରି ଏକ ଆଦର୍ଶ ଦେଶ ଗଠନ ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

କୋଭିଡ୍ ମାର୍ଗଦର୍ଶିକା ସଠିକ୍ ଭାବେ ଅନୁପାଳନ କରିବା ପାଇଁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-68 (Gov.&CM-225, Min.-144)
15001/13/0118/2122









# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟଷ୍ଟ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟଷ୍ଟ୍ୟନ୍ତ ବାକି ଅନଷ୍ଟ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଳି ଭାବେ ତାଙ୍କର ଶେଷ କୃତଷ୍ଟ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଷ୍ଟ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଷ୍ଟ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢ଼ିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନୀ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି







ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# କେନ୍ଦୁଝରରେ ଜାତୀୟ ଭୋଟର ଦିବସ ପାଳିତ : ଭୋଟରଙ୍କ ଅଙ୍ଗୀକାର ଗଣତନ୍ତ୍ରକୁ ସୁଦୃଢ଼ କରିବ : ଜିଲ୍ଲାପାଳ

କେନ୍ଦୁଝର,(ପି.ଏନ): ମତଦାତାଙ୍କ ଅଙ୍ଗୀକାର ଗଣତନ୍ତ୍ରକୁ ସୁଦୃଢ କରିବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ମତବ୍ୟକ୍ତ କରିଛନ୍ତି । କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଚଳିତ ଜାନୁଆରୀ ୨୫ ତାରିଖ ଦିନ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜାତୀୟ ଭୋଟର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଏହି ମତ ରଖିଛନ୍ତି । ଏହି ଉପଲକ୍ଷେ ଦରବାର ହଲଠାରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ଶ୍ରୀ ଠାକରେ ଉପସ୍ଥିତ ନବ ଭୋଟରମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉଦ୍‌ବୋଧନ ଛଳରେ କହିଥିଲେ ଯେ ଭାରତୀୟ ଗଣତନ୍ତ୍ର ସମଗ୍ର ବିଶ୍ୱ ପାଇଁ ମାର୍ଗଦର୍ଶକ ସାଜିଛି । ଯାହାକି ଦେଶବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ନବ ଭୋଟରମାନେ ଭବିଷ୍ୟତରେ ଗଣତନ୍ତ୍ରକୁ ଅଧିକ ସୁଦୃଢ କରିବାରେ ମହନୀୟ ଭୂମିକା ନିଭାଇବେ । ମତଦାନ ଅଧିକାର ଏକ ସାମ୍ବିଧାନିକ ଅଧିକାର ହୋଇଥିବାରୁ ପ୍ରତ୍ୟେକ ନାଗରିକ ମତଦାନ ଅଧିକାର ସାବ୍ୟସ୍ତ କଲେ ଗଣତନ୍ତ୍ର ସୁଦୃଢ ହୋଇପାରିବ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ମତଦାନ ବୃଦ୍ଧି ଦିଗରେ ସେମାନେ ଭୂମିକା ନିଭାଇବାକୁ ଜିଲ୍ଲାପାଳ ଆହ୍ୱାନ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍ ଏହି ସମାରୋହରେ ଅଧକ୍ଷତା କରି ନିଜ ଅଭିଭାଷଣରେ କହିଥିଲେ ଯେ ପ୍ରତ୍ୟେକ ନାଗରିକ ନିଷ୍ଠାର ସହ ନିଜ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କଲେ ଗଣତନ୍ତ୍ର ଅଧିକ ଋଦ୍ଧିମନ୍ତ ହେବ । ଭୋଟରମାନେ ମୁକ୍ତ, ଅବାଧ, ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭିକ ହୋଇ ଏବଂ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ନିଜର ମତାଧିକାର ପ୍ରୟୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଗୁଣାତ୍ମକ ମତଦାନ ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ ସମସ୍ତ ସାବାଳକ ସଚେତନ ହେଲେ ସାମ୍ବିଧାନିକ ବିଧିବ୍ୟବସ୍ଥା ଶକ୍ତ ହେବା ସଂଗେ ସଂଗେ ଭାରତୀୟ ଗଣତନ୍ତ୍ର ଅଧିକ ଲୋକାଭିମୁଖୀ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଆସିଷ୍ଟାଂଟ୍ କଲେକ୍ଟର ନିର୍ବାଚନ କିରଣ କୁମାର ନାଏକ ଜାତୀୟ ଭୋଟର ଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରି ତୃଣମୂଳସ୍ତରରୁ ଭୋଟରମାନଙ୍କୁ ମତଦାନ ସଂପର୍କରେ କିପରି ସଚେତନ କରାଯାଉଛି ସେ ସଂପର୍କରେ ଉଲ୍ଲେଖ କରିବା ସହ ମତଦାନ ବୃଦ୍ଧି ଗଣତନ୍ତ୍ର ପାଇଁ ଶୁଭ ଲକ୍ଷଣ ବୋଲି କହିଥିଲେ ଏବଂ ଏ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସିବ ବାରିକ ସ୍ୱାଗତଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ସମାରୋହରେ ନବ ମତଦାତାମାନଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟର ତାଲିକା ସଂଶୋଧନ ଓ ପ୍ରସ୍ତୁତିରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, କେନ୍ଦୁଝର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଂଟ୍ କଲେକ୍ଟର ରଶ୍ମିତା ସ୍ୱାଇଁଙ୍କ ସମେତ ନବ ଭୋଟର, ବୁଥ୍‌ସ୍ତରୀୟ ଅଧିକାରୀ ଏହି ସମାରୋହରେ ଉପସ୍ଥିତ ଥିଲେ । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଗୋପବନ୍ଧୁ ନାଏକ, କନିଷ୍ଠ ରାଜସ୍ୱ ସହାୟକ ମୁକ୍ତିକାନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ



ଖୋର୍ଦ୍ଧା, (ପିଏନ): ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତ ଅନ୍ତର୍ଗତ ଖାରଡପଲ୍ଲୀ ଗ୍ରାମସ୍ଥିତ ରାମକୃଷ୍ଣ ଆଶ୍ରମ ପରିସରରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି । ଏ ନେଇ ଆଶ୍ରମର ମୁଖ୍ୟ ହରିହର ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ୟୋର୍ସ ହୋପ ଫାଉଣ୍ଡେସନ ଟ୍ରଷ୍ଟ ର ଅଧକ୍ଷା ରିନାରାଣୀ ନାୟକ,ଉପଦେଷ୍ଟା ତଥା ସାମ୍ବାଦିକ ଯୋଗେଶ୍ୱର ପଣ୍ଡା, ଆଶ୍ରା ଅନୁଷ୍ଠାନର ପ୍ରକଳ୍ପ ଅଧିକାରୀ ମହେଶ୍ୱର ନାୟକ,ଦଣ୍ଡିମାଳ ସେବକ ସଂଘର ସଭାପତି ପ୍ରକାଶ କୁମାର ନାୟକ,ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ ଓ କୋଷାଧକ୍ଷ ବାସୁଦେବ ନାୟକ ପ୍ରମୁଖ ଉପସ୍ଥିତ ରହି ଶୁଖିଲା ଖାଦ୍ୟ,ଖାତା, କଲମ ଓ ସହାୟିକା ପୁସ୍ତିକା ଛାତ୍ରଛାତ୍ରୀ ମାନଙ୍କୁ ବାଣ୍ଟିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁସ୍ଥ ସମାଜ ଗଠନ କରିବାକୁ ପରାମର୍ଶ ଦେଇଥିଲେ । ପରେ ଆଶ୍ରା ଅନୁଷ୍ଠାନ ଓ ରାମକୃଷ୍ଣ ମିଶନ ପକ୍ଷରୁ ଅସହାୟ ବୃଦ୍ଧ/ବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ।


## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଇଂ ସତ୍ୟ ରଂଜନ ପରିଡ଼ା
ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ
ରାସ୍ତା ସବ୍-ଡିଭିଜନ୍
ଗଞ୍ଜାମ (ଆର ଆଣ୍ଡ ବି)
ଡିଭିଜନ୍ ନଂ -୨ , ବ୍ରହ୍ମପୁର


# ଆନନ୍ଦପୁର ମହାବିଦ୍ୟାଳୟରେ ଦ୍ୱାଦଶ ଜାତୀୟ ମତଦାନ ଦିବସ ପାଳିତ

ଆନନ୍ଦପୁର,(ପି.ଏନ): ଆଜି ୨୫ତାରିଖ ୮.୩୦ମିନିଟ୍ ସମୟରେ ଆନନ୍ଦପୁର ମହାବିଦ୍ୟାଳୟର ମୁକ୍ତ ପ୍ରାଙ୍ଗଣରେ କୋଭିଡ୍‌କଟକଣାର ନିୟମ ଅନୁସାରେ ଦ୍ୱାଦଶ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଆନନ୍ଦପୁର ଉପଖଣ୍ଡର ଉପଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷ ମେଜର ଡଃ ଦିଲ୍ଲୀପ କୁମାର ଦାଶ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ଜାତୀୟ ମତଦାନ ଦିବସର ତାର୍ପ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମବେତ ଅତିଥି ଓ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ନିମନ୍ତ୍ରିତ ଦିବ୍ୟାଙ୍ଗ ଡଃ ପ୍ରମୋଦ କୁମାର ବେହେରା, ପ୍ରଭାତ କୁମାର ପଣ୍ଡା ତଥା ଆନନ୍ଦପୁରର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପ୍ରାକ୍ତନ ଅଧକ୍ଷ ରମାକାନ୍ତ ନାୟକ ଓ ସାହିତ୍ୟିକ ଗଦାଧର ମିଶ୍ରଙ୍କୁ ମୁଖ୍ୟଅତିଥି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ତତ୍ପରେ ସମବେତ ଜନତାଙ୍କୁ ମୁଖ୍ୟଅତିଥି ଜାତୀୟ ମତଦାନ ଦିବସର ଶପଥ ପାଠ କରାଇଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ - ୨୦୨୨ରେ ଉନ୍ନତ ପ୍ରଦର୍ଶନ କରିଥିବା ବି.ଏଲ.ଓ.ମାନଙ୍କୁ ଉପଜିଲ୍ଲାପାଳ ମାନପତ୍ର ପ୍ରଦାନ କରିଥିଲେ । ନୂତନ ଭୋଟର ମାନଙ୍କୁ ଭୋଟ ପରିଚୟପତ୍ର ପ୍ରଦାନ କରିବା ସହ ମାନ୍ୟବର ମୁଖ୍ୟ ନିର୍ବାଚନ ଆୟୋଗ ସୁଶୀଲ ଚନ୍ଦ୍ରାଙ୍କ ଦେଶବାସୀଙ୍କ ପ୍ରତି ସନ୍ଦେଶ ପ୍ରଚାର କରାଯାଇଥିଲା । ତତ୍‌ସହିତ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାବଶୀ,ସୁଗମ ଓ ସହଭାଗୀ ବିଷୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ ଆନନ୍ଦପୁର ମହାବିଦ୍ୟାଳୟର କୁମାରୀ ସ୍ୱପ୍ନା ଖାତୁନ ପ୍ରଥମ, ରଶ୍ମିତାସାହୁ ଓ ଦେବାଶିଷ ସାହୁ ଯୁଗ୍ମ ଦ୍ୱିତୀୟ ତଥା ତରୁଣ କୁମାର ଓ କନକ ମରୀ ମହାବିଦ୍ୟାଳୟର ଦେବସ୍ମିତା ଜେନାଙ୍କୁ ଯୁଗ୍ମ ତୃତୀୟ ଭାବେ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଶେଷରେ କନକ ମରୀ ମହାବିଦ୍ୟାଳୟର ଅଧକ୍ଷ ଡଃ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସଂଯୋଜନାରେ ମୁଖ୍ୟ କିରାଣୀ ପ୍ରଦୀପ କୁମାର ଦାସ, ବରିଷ୍ଠ ସହାୟକ ଗୌରାଙ୍ଗ ଚରଣ ଜେନା,ସୁଭେନ୍ଦୁ କୁମାର ସାହୁ ତଥା ନିଜାରତ ଅଫିସର ପଞ୍ଚାନନ ନାୟକ ଓ ରାଜସ୍ୱ ଅଧିକାରୀ ପ୍ରଦୀପ କୁମାର ପାତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାପନ ହୋଇଥିଲା । ଆନନ୍ଦପୁର ମହାବିଦ୍ୟାଳୟର ପ୍ରଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତ, ଅନନ୍ତ ଚରଣ ମହାନ୍ତି, ଶିବ ଚରଣ ବେହେରା,ଡଃ କମଳିନୀ ପାଣିଗ୍ରାହୀ, ବିଶ୍ୱଜିତ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ଫକୀରପୁର ସାପ୍ତାହିକ ହାଟକୁ ବିରୋଧ, ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବ୍ୟବସାୟୀ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୌରପରିଷଦ ଫକୀରପୁର ସାପ୍ତାହିକ ହାଟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ପୁରୁଣା ହାଟସ୍ଥଳରେ ସପ୍ତାହର ମଙ୍ଗଳବାର ସାପ୍ତାହିକ ହାଟ ପାଳିରେ ପରିବା ବ୍ୟବସାୟୀ ବସିବାକୁ ବିରୋଧ କରାଯାଇଛି । ଏହି ଘଟଣାର ପ୍ରତିବାଦରେ ସୋମବାର ସ୍ଥାନୀୟ ବ୍ୟବସାୟୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପୂର୍ବରୁ ଏହି ସାପ୍ତାହିକ ହାଟ ୫୩ନଂ ରାଜ୍ୟ ରାଜପଥର ଶାଳବଣି ଛକ ନିକଟ ରାସ୍ତାର ଉଭୟ ପାର୍ଶ୍ୱରେ ଚାଲୁ ରହିଥିଲା । ଗତ ଦୁଇ ସପ୍ତାହ ଧରି ଏହି ସାପ୍ତାହିକ ହାଟ ଫକୀରପୁର ବାଲୁଙ୍କେଶ୍ୱର ମନ୍ଦିର ପରିସରକୁ ସ୍ଥାନାନ୍ତର ହୋଇଯାଇଛି । ସ୍ଥାନୀୟ ଗ୍ରାମବାସୀଙ୍କ ନିଷ୍ପତ୍ତି ପ୍ରକାରେ ଏହି ହାଟ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏହି ସ୍ଥାନାନ୍ତରକୁ ସ୍ଥାନୀୟ ପରିବା ବ୍ୟବସାୟୀ ବିରୋଧ କରିବା ସହ ପୂର୍ବରୁ ହାଟ ଚାଲିଥିବା ଅଂଚଳରେ ପ୍ରତି ମଙ୍ଗଳବାର ବସି ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ଆଉ କେତେକ ପରିବା ବ୍ୟବସାୟୀ ନୂତନ ହାଟ ସ୍ଥଳରେ ବ୍ୟବସାୟ କରୁଛନ୍ତି । ଅଭିଯୋଗ ଅନୁଯାୟୀ ସ୍ଥାନୀୟ ଚାଷୀ ପୁରୁଣା ହାଟ ସ୍ଥାନରେ ସାପ୍ତାହିକ ହାଟ ପାଳି ଚାଲୁ ରଖିବାକୁ ଦାବି କରିଛନ୍ତି । ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବାରୁ ଚାଷୀମାନେ ପ୍ରଭାବିତ ହେଉଥିବା ପ୍ରକାଶ କରିଛନ୍ତି । ପୂର୍ବରୁ ଶାଳବଣି ଛକ ଠାରେ ଚାଲୁଥିବା ପରିବା ହାଟକୁ ନିୟମିତ ଅନୁମିତ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି । ହାଟର ପରିଧି ପୌରପରିଷଦ ଅଧୀନରେ ହୋଇଥିବାରୁ ପୌର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବା ପରେ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି ।


## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଇଂ ତପନ କୁମାର ପାଣିଗ୍ରାହୀ
ଅଧୀକ୍ଷଣ ଯନ୍ତ୍ରୀ
ଗଞ୍ଜାମ (ଆର ଆଣ୍ଡ ବି)
ଡିଭିଜନ୍ ନଂ.୨, ବ୍ରହ୍ମପୁର



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada





## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଶ୍ରୀ ଅର୍ଜୁନ କୁମାର ମଲ୍ଲିକ
ଅବକାରୀ ନିରୀକ୍ଷକ
ବ୍ରହ୍ମପୁର, ଗଞ୍ଜାମ



## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଅମରେଶ ଚନ୍ଦ୍ର ଦାସ
ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ
ସବ୍-ଡିଭିଜନ୍ ନିର୍ମାଣ ବିଭାଗ
ଗଞ୍ଜାମ (ଆର ଆଣ୍ଡ ବି),
ଡିଭିଜନ୍ ନଂ.୧, ବ୍ରହ୍ମପୁର



## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଇଂ ପଦ୍ମଲୋଚ଼ନ ପଣ୍ଡା
ସହକାରୀ ଯନ୍ତ୍ରୀ, ନିର୍ମାଣ ବିଭାଗ
ଗଞ୍ଜାମ (ଆର ଆଣ୍ଡ ବି)
ଡିଭିଜନ୍ ନଂ.୧
ବ୍ରହ୍ମପୁର


## AFFIDAVIT

BY VIRTUE OF AN AFFIDAVIT MADE OF BEFORE THE EXECUTIVE MAGISTRATE,BANKI,I SANDHYARNI BEHERA ,WIFE OF DASHARATHI BEHERA , VILL/PO:TALABASTA,P.S:BANKI,DIST-CUTTACK DECLARE THAT ALL GOVT AND NON-GOVT. RECODS INCLUDING ACADEMICAL RECORDS MY NAME HAS BEEN RECORDED AS SANDHYARNI BEHERA WHICH REVEALS IN CHSE CERTIFICATE OF MY DAUGHTER SONALIN BEHERA .BUT IN MY VOTER ID CARD VIDE NO,OR/06/046/268141,MY NICK NAME HAS BEEN RECORDED AS SANJUKTA BEHERA.BOTH THE NAMES SANJUKTA BEHERA AND SANDHYARNI BEHERA IS ONE AND SAME PERSON.THIS FACT IS TRUE TO AND NECESSARY TO THE CONCERN AUTHORITY.




# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ରସୁଲଗଡ଼ ଛକ ଠାରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ପ୍ରଦେଶ କଂଗ୍ରେସ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଭିଏସଏସ ନଗର ଠାରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତର୍ମୂତିରେ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ଏହାପରେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଥିବା ପ୍ରତିମୂର୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହାପରେ ନେତାଜୀଙ୍କ ଜନ୍ମସ୍ଥାନ କଟକ ସ୍ଥିତ ନେତାଜୀ ଭବନ ଯାଇ ଡ. ଚେଲା କୁମାର ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଂଗ୍ରାହଳୟ ବୁଲିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶରତ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ମାନସ ଚୌଧୁରୀ, ଗିରିବାଳା ବେହେରା, ମନୋରଂଜନ ଦାଶ, ବିଶ୍ୱଜିତ ଦାଶ, ଚିନ୍ମୟ ସୁନ୍ଦର ଦାସ, ସୁବ୍ରତ ମହାପାତ୍ର, ଦୀପକ କୁମାର ମହାପାତ୍ର, ପ୍ରକାଶ ମିଶ୍ର, ରଶ୍ମି ମହାପାତ୍ର, ଲିଙ୍ଗରାଜ ସାହୁ, ୟାସିର ନୱାଜ, ରଜନୀ ମହାଁ, ସୁଶାଂ ତ୍ରିପାଠୀ, ଅଶୋକ ଦାସ, ଗୀତାଂଜଳି ମହାଁ, ପ୍ରଭାବତୀ ପଟ୍ଟନାୟକ, ଶ୍ରୀଧର ବଳିଆରସିଂ, ଅକ୍ଷୟ କୁମାର ଦାସ, ଆଶିଷ ମଲ୍ଲିକ, ବିପ୍ଳବ ଶିଳାଦିତ୍ୟ, ଆଶୁତୋଷ ରାଉତ, ସଚ୍ଚିଦାନନ୍ଦ ରାଉତ, ଦୀପକ ମହାଁ, ରାକେଶ ମହାଁ, ଶୋଭା ସିଂ, ଜୟକୃଷ୍ଣ ମଲ୍ଲିଆ, ସତ୍ୟବ୍ରତ ନାୟକ, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ଦେବୀ ପ୍ରସାଦ ବାହାଲିଆ, ସଂଜୟ ମିଶ୍ର, ମନୋରଜନ ରାଉତରାୟ, ରଣଜିତ ଦାସ, ସୁଭାଷ ପ୍ରଧାନ, ଦେବେନ୍ଦ୍ର ପ୍ରସାଦ ଦାସ, ସାଗର ପଟ୍ଟନାୟକ, ସାଗର ପରିଡ଼ା, ବିଶ୍ୱ ଭୂଷଣ ମହାପାତ୍ର, ବିକ୍ରମ ସାହୁ, ପ୍ରଶନ୍ନ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ସାମ୍ପ୍ରଦାୟିକ ଶକ୍ତିଙ୍କ ବିରୋଧରେ ଜାତୀୟ ଅଭିଯାନ କେନ୍ଦ୍ରାପଡାରୁ ଆରମ୍ଭ




କେନ୍ଦ୍ରାପଡ଼ା (ପିଏନ୍): ଦେଶରେ ଏବେ ଏକ ବୈଚାରିକ ଦେବାଳିଆ ସ୍ଥିତି ଉତ୍ପନ୍ନ ହୋଇଛି। ଦେଶର ବରପୁତ୍ରମାନଙ୍କ ପ୍ରତି ବିଭିନ୍ନ ଭାବରେ କୁତ୍ସାରଟନା କରାଯାଉଛି। କେତେବେଳେ ନେତାଜୀଙ୍କୁ ଜାତିର ପିତା ଗାନ୍ଧିଜୀଙ୍କ ପ୍ରତିଦ୍ୱନ୍ଦୀ ଭାବେ ଠିଆ କରାଯାଉଛି ତ ଆଉ କେତେବେଳେ ସର୍ଦ୍ଦାର ପଟେଲ ଓ ନେହେରୁଙ୍କ ମଧ୍ୟରେ କିଏ ସାନ, କିଏ ବଡର ତୁଳନା କରାଯାଉଛି। ଦେଶର ନୂଆ ପିଢୀର ମଣିଷମାନଙ୍କ ଭିତରେ ଏପରି ଏକ ବିଷାକ୍ତ ବିଚାର ଭର୍ତ୍ତି କରାଇବାର ଯେଉଁ ଅଭିସନ୍ଧି ମୂଳକ ଯୋଜନା ଦେଶର ଗୋଟିଏ ଗୋଷ୍ଠି ପକ୍ଷରୁ ଯୋରସୋରରେ ଚାଲିଛି। ଏଥିରୁ ଦେଶର ବୁଦ୍ଧିଜିବୀମାନେ ମୁକ୍ତ ନୁହନ୍ତି ବୋଲି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ଡଃ. ବିଶ୍ୱଜିତ ରାୟ ମତ ପ୍ରକାଶ କରିଛନ୍ତି। ଦେଶର ଗାନ୍ଧୀବାଦୀ ସଂଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ବରପୁତ୍ରମାନଙ୍କ ପ୍ରତି ଏହି ଅପପ୍ରଚାର ବିରୋଧରେ ନେତାଜୀ ଜୟନ୍ତୀରୁ ଶହୀଦ ଦିବସ ପର୍ଯ୍ୟନ୍ତ ଚାଲିଥିବା ସପ୍ତାହ ବ୍ୟାପି "ରାଷ୍ଟ୍ରପିତାଙ୍କୁ ଅପମାନ - ସହିବ ନାହିଁ ହିନ୍ଦୁସ୍ତାନ" ଶୀର୍ଷକ ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡଃ. ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଷ୍ଟ୍ରୀୟ ଯୁବା ସଂଗଠନର ଜାତୀୟ ପରିଷଦ ସଭ୍ୟ ମାନସ ପଟ୍ଟନାୟକ ଓ ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଏହି ପ୍ରଚାର ଅଭିଯାନର ଉଦେଶ୍ୟ ଓ ଆଗାମି କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭାଂଶୁ କୁମାର ଦାସ, ଗୟାଧର ଧଳ, ନଗେନ୍ଦ୍ର ଜେନା, ଅମର ପ୍ରସାଦ ରାଉତ, ରଣଧୀର ଜେନା, ସୁରେଶ ଚନ୍ଦ୍ର ପଟ୍ଟନାୟକ, ନୃସିଂହ ତ୍ରିପାଠୀ, ଶରତ ରାଉତ, ଅମରେନ୍ଦ୍ର ଦାସ, ନିରୂପମା ଦାସ, ଅବଧୂତ ରାଉତ, ଶ୍ରୀଧର ମହାନ୍ତି, ଅଶୋକ କୁମାର ସାହୁ, ଅପର୍ତ୍ତୀ ସେଠୀ, ନିରୋଦ ଜେନା ପ୍ରମୁଖ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଏକ ଜିଲ୍ଲା ଶାଖା ଗଠନ କରାଯାଇ ଆଦିକନ୍ଦ ରାଉଳଙ୍କୁ ତାର ଆବାହକ ଭାବେ ମନୋନୀତ କରାଯାଇଥିଲା। ଶେଷରେ ନିରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ କେନ୍ଦ୍ରାପଡା ହାଇସ୍କୁଲ ଛକସ୍ଥିତ ଆନନ୍ଦ ଚନ୍ଦ୍ର ଜେନାଙ୍କ ପ୍ରତିମୂର୍ତ୍ତି ପାଖରେ ଦେଶର ବରପୁତ୍ରମାନଙ୍କୁ ସମ୍ମାନ ଜଣାଇ ବିଭିନ୍ନ ନାରାବାଜି ସହିତ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା।

## ଉତ୍କଳ ସମ୍ମିଳନୀ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ




ଭୁବନେଶ୍ୱର (ପିଏନ୍): ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ରସୁଲଗଡ ଛକରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ମାଲ୍ୟାର୍ପଣ ସଭାରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ନେତାଜୀଙ୍କର ବୀରତା ବିଷୟରେ ପିଲାମାନେ ପଢିବା ଉଚିତ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥଶଙ୍କର ଗଡନାୟକ, ଅକ୍ଷୟ ଜେଠୀ, ପ୍ରକାଶ ସାମଲ, ସମରଂଜନ ମହାନ୍ତି ଓ ପତିତପାବନ ତ୍ରିପାଠୀ ପ୍ରମୁଖ ଭାଗ ନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇ ଥିଲେ । ଶେଷରେ ଉତ୍କଳ ସମ୍ମିଳନୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବାଲେଶ୍ୱରରେ ନୂଆ ସଂକ୍ରମିତ ୩୪୬

ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୩୪୬ରେ ପହଞ୍ଚିଚି। ଶନିବାର ଦିନ ସଂକ୍ରମିତଙ୍କ ସଂଖ୍ୟା ୨୯୦ ଥିବା ବେଳେ ତାହା ୩୪୬ରେ ପହଞ୍ଚିଚି। ସଂକ୍ରମିତଙ୍କ ମଧ୍ୟରେ ୧୬୪ ଜଣ ମହିଳା ଥିବା ବେଳେ ୧୮୨ ଜଣ ପୁରୁଷ ଅଛନ୍ତି। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ଠାରୁ କୋଭିଡ଼ କଟକଣା ଢ଼ିଲା ହୋଇଛି। ଆଗକୁ ପ୍ରଚାର ପାଇଁ ନେତାମାନେ ମୈଦାନକୁ ଓହ୍ଲାଇବା ଫଳରେ ଗାଁଗଣ୍ଡାରେ ପ୍ରବଳ ଗହଳି ଜମିବ। ଏଥି ଯୋଗୁଁ କରୋନା ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ଦେଖା ଦେଇଛି। ପ୍ରଶାସନ ପକ୍ଷରୁ କଡ଼ା ଆଧିମୁଖ୍ୟ ଗ୍ରହଣ ନ କଲେ କରୋନା ସଂକ୍ରମଣ ଅଧିକ ବୃଦ୍ଧି ପାଇବାର ଅଶଙ୍କା ରହିଛି। ନୂଆ କୁ ମିଶାଇ ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୪୫ ହଜାର ୮୦୧ ରେ ପହଞ୍ଚିଚି

# ଗଣତନ୍ତ୍ର ଆଜି ବନ୍ଦୀ





ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ, ମୌଳିକ ଅଧିକାର ଓ ସ୍ୱାଧୀନ ନ୍ୟାୟ ବ୍ୟବସ୍ଥା, ଗଣମାଧମ ଆଜି ଭଳି ଭାରତୀୟ ସମ୍ବିଧାନର ମୌଳିକ ଭିତ୍ତିଭୂମି ଉପରେ ବର୍ତ୍ତମାନ ଅତର୍କିତ ଓ ଯୋଜନାବଦ୍ଧ ଆକ୍ରମଣ ଯୋଗୁ ଦେଶର ଗଣତନ୍ତ୍ର ଆଜି ବନ୍ଦୀ ସଦୃଶ ପ୍ରତୀୟମାନ ହେଉଛି। କୋଭିଡ଼ ଭଳି ବିଶ୍ୱ ମହାମାରୀ ସମୟରେ ସାହାଯ୍ୟ ଭିକ୍ଷା କରୁଥିବା ଲୋକଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ ହେଉଛି। ମହାମାରୀକୁ ପ୍ରତିହତ କରିବାରେ ସରକାର ବ୍ୟବସ୍ଥା ଓ କର୍ତ୍ତୃପକ୍ଷଙ୍କ ଅସଫଳତା ଆଦିକୁ ପ୍ରଚାର ପ୍ରସାର କରୁଥିବା ଖବରକାଗଜ ଓ ସାମାଜିକ ଗଣମାଧମ ସଂସ୍ଥାଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଯାଉଛି। ଫଳରେ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ବ୍ୟବସ୍ଥାକୁ ଆହୁରି ଦୁର୍ବଳ କରୁଛି। ସାରା ବିଶ୍ୱ ଦରବାରରେ ଭାରତ ଧୀରେ ଧୀରେ ଦୃଷ୍ଟି ଆଢୁଆଳକୁ ଚାଲିଯାଉଛି। ଯାହାକି ଅତ୍ୟନ୍ତ ଚିନ୍ତାଜନକ। ୨୦୨୦ ମସିହା ବିଶ୍ୱ ଶାସନ ବ୍ୟବସ୍ଥାମାନଙ୍କରେ ୧୨୮ରୁ ଭାରତ ୨୯ତମ ସ୍ଥାନରେ ରହିଛି। ସେହିଭଳି ଭି. ଡେଲ ଇନ୍ଷ୍ଟିଚ୍ୟୁଟ ଦ୍ୱାରା କରାଯାଇଥିବା ଗଣତାନ୍ତ୍ରିକ ଉଦାରତା ସିଦ୍ଧାନ୍ତମାନଙ୍କରେ ଭାରତ ୨୦୨୦ ମସିହାରେ ୦.୫୭ ପଏଣ୍ଟରୁ ଖସି ୦.୩୪ ପଏଣ୍ଟରେ ପହଞ୍ଚିଛି ଯାହାକି ଏହି ମାନକରେ ସର୍ବାଧିକ ହ୍ରାସ। 'ଦ୍ରି ଫ୍ରିଡ଼ମ ଅଫ ହାଉସ ରିପୋର୍ଟ-୨୦୨୧'ରେ ଏହିସବୁ କାରଣ ଯୋଗୁଁ ଭାରତ ଆଂଶିକ ଭାବେ ସ୍ୱାଧୀନ ବୋଲି ଦର୍ଶାଯାଇଛି। ୨୦୨୦ ମସିହା ଦି ହ୍ୟୁମାନ ଫ୍ରିଡ଼ମ ଇଣ୍ଡେକ୍ସରେ ଭାରତ ୧୬୨ରୁ ୧୧୧ତମ ସ୍ଥାନରେ ରହିଛି। ସେହିଭଳି ୱାଲର୍ଡ଼ ପ୍ରେସ୍ ଫ୍ରିଡମ (World Press Freedom)୨୦୨୧ରେ ଭାରତକୁ ୧୮୦ରୁ ୧୪୨ତମ ସ୍ଥାନରେ ରହିଛି।

ମହାମାରୀ ସମୟରେ ଜଣେ ଲୋକ ନିଜ ଜେଜେବାପାଙ୍କ ପାଇଁ ଅମ୍ଳଜାନ ଆବଶ୍ୟକ ଥିବା ଟୁଇଟ କରିବା ଯୋଗୁଁ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ ହେବା କେତେଦୂର ସମିଚୀନ? ହାଥରସ୍‌ରେ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ପ୍ରତିବାଦ କରି ଆନ୍ଦୋଳନ କରିଥିବା ବିକ୍ଷୋଭକାରୀଙ୍କ ମଧ୍ୟରୁ ୨୨ଜଣଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇଛି। କାଶ୍ମୀରରେ ୨୧୩ଦିନ ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ବନ୍ଦ ରଖିବା ଏବଂ ସରକାରୀ ବିଧି ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ବିଭିନ୍ନ ଗଣମାଧମରେ କରାଯାଇଥିବା ପୋଷ୍ଟଗୁଡ଼ିକ ପାଇଁ ୫୨ଟି ନୋଟିସ୍ ଜାରି କରାଯାଇଛି, ଯାହାକି ଆଦୌ ଠିକ୍ ନୁହେଁ। ଏହି ସମସ୍ତ ପ୍ରୟାସ କେବଳ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଛଡ଼ା ଆଉ କିଛି ନୁହେଁ ବୋଲି ମୋର ମତ। ସେହିପରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟ ବ୍ୟବସ୍ଥାକୁ ପ୍ରଥମେ ସଜାଡ଼ିବାକୁ ପଡ଼ିବ। କେତେକ କ୍ଷେତ୍ରରେ ବିଚାରପତି ମାନଙ୍କ ନିଯୁକ୍ତି ମାସ ମାସ ଏବଂ ବର୍ଷ ବର୍ଷ ଧରି ପଡ଼ିରହିଛି। ଏହା ହେଉଛି ସ୍ୱଚ୍ଛ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ? ଅଧିକନ୍ତୁ, ନ୍ୟାୟ ବ୍ୟବସ୍ଥାର ସ୍ୱତନ୍ତ୍ରତାକୁ ମଧ୍ୟ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ବାସ୍ତବରେ ଆମେ ସମସ୍ତେ ଚିନ୍ତା କରିବା ଦରକାର, ଆମେ କ'ଣ ସତରେ ଠିକ୍ କାମ କରୁଛୁ? ଆମେ କ'ଣ ସତରେ ନ୍ୟାୟ ବ୍ୟବସ୍ଥାକୁ ଉଦ୍ଧାର କରିପାରିବା? ସତରେ କ'ଣ ଗଣମାଧମ ଆଜି ସ୍ୱାଧୀନ ନା ବିପନ୍ନ? ଏହି ପ୍ରଶ୍ନର ଉତ୍ତର ମୁଁ ଭାରତୀୟଙ୍କ ଉପରେ ଛାଡୁଛି।

ଆଜି ଏହି ପବିତ୍ର ଦିବସରେ ଆମ ସମ୍ମୁଖରେ ଠିଆ ହୋଇଛି ଏକ ବିରାଟ ଆହ୍ୱାନ। ଏକ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ଭାରତ ସମ୍ମୁଖୀନ ହେବ, ଏହା ମୋର ଭବିଷ୍ୟବାଣୀ ଅଟେ। ତାହା ପୁଣି ଆମର ଭାରତମାତା ପାଇଁ। ଆମର ନିରୀହ, ଶାନ୍ତିପ୍ରିୟ ଜନସାଧାରଣ ପଡ଼ୋଶୀ ଦେଶମାନଙ୍କ ସହିତ ରକ୍ତର ବନ୍ଧୁ ବୋଲି ବିବେଚନା କରୁଥିବା ବେଳେ, ସେମାନେ ଶତ୍ରୁମୁଖା ହୋଇ ରକ୍ତର ହୋଲି ଖେଳିବାକୁ ଭଲ ପାଆନ୍ତି, ସେଥିପାଇଁ ଆମକୁ ସଦାସର୍ବଦା ସଜାଗ ରହିବା ପାଇଁ। ଅଯଥା ବଜେଟ ଖର୍ଚ୍ଚ କରିବାକୁ ପଡୁଛି ଆମର ପ୍ରତିରକ୍ଷା କ୍ଷେତ୍ରରେ। ତେବେ ଆମର ବାସ୍ତବତାର ସ୍ୱପ୍ନ ନିଶ୍ଚିତ ରୂପେ ସାକାର କରିବାକୁ ପଡ଼ିବ ଯେ, ଅଖଣ୍ଡ ଭାରତବର୍ଷ ଆମର ସ୍ୱପ୍ନ। ପାକିସ୍ତାନ ନୁହେଁ, ଚାଇନା ଆମର ଶତ୍ରୁ। ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ପାଇଁ ଆମକୁ ପୃଥିବୀର ସାମରିକ ଇତିହାସରେ ନମ୍ବରଓ୍ୱାନ ହେବାକୁ ପଡ଼ିବ ବୋଲି ଏହା ହିଁ ହେବ ଆଜିର ସଂକଳ୍ପ। ଆମର ମାତୃଭୂମି, ମାଆ, ମାଟିକୁ ଗୋଟେପଟେ ପାକିସ୍ତାନ ଦଖଲ କରି ରଖିଥିବା ବେଳେ ଅନ୍ୟପଟେ ଚାଇନା ମଧ୍ୟ ଦଖଲ କରି ଆହୁରି ଆମକୁ ନାଲିଆଖି ଦେଖାଉଛି। ଆମେ ନିରୀହ ବୋଲି ଏହା ଆମର କଣ ଦୁର୍ବଳତା? ଏହାର ସୁଯୋଗରେ, ସେମାନଙ୍କ ଦଖଲରେ ଥିବା ଆମର ପୂର୍ବପୁରୁଷଙ୍କ ପୈତୃକ ସମ୍ପତ୍ତିକୁ କେତେ ଶୀଘ୍ର ଉଦ୍ଧାର କରିପାରିବା ତାହାହିଁ ହେବ ଆଜିର ଦିବସର ପ୍ରତବଦ୍ଧତା।

ଆଜିର ଗଣତନ୍ତ୍ର ଦିବସରେ ସ୍ମରଣ କରିବା ପାଇଁ ଆଜି ଆମେ ବାଧ ହେଉଛେ ଯେ, ପ୍ରକୃତପକ୍ଷେ, ଗଣଙ୍କ ସମସ୍ୟା ଘୁଞ୍ଚିବ କେବେ? ଦେଶ ସ୍ୱାଧୀନ ହୋଇଛି ଏହା ସତ୍ୟ, ହେଲେ ସ୍ୱାଧୀନ ହୋଇନି ଅନେକ ଗାଁ ଯେଉଁଠି ମଣିଷର ମୌଳିକ ଅଧିକାର ପ୍ରାପ୍ତ ହୁଏ ତାହା ହିଁ ସ୍ୱାଧୀନତା। ସ୍ୱାଧୀନତାର ଅର୍ଥ ଏହା ନୁହେଁ ଯେ, ଅଭାବ, ଅନାଟନ, ଦୁର୍ଦ୍ଦିନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଗଣଙ୍କ ଜୀବନ ବିତାଇବା, ମୁଣ୍ଡ ଗୁଞ୍ଜିବାକୁ ଆବାସଟିଏ ନଥିବା, ପିନ୍ଧିବା ପାଇଁ ବସ୍ତ୍ରର ଅଭାବ ଦେଖାଦେବା, ଉତ୍ତମ ପାନୀୟ ଜଳରୁ ବଞ୍ଚିତ ହେବା, ଯାତାୟାତ ପାଇଁ ଭଲ ରାସ୍ତାଟିଏ ନଥିବା ତଥା ଶିକ୍ଷାରୁ ବଞ୍ଚିତ ହେବା, ଚାଷୀ ଆତ୍ମନିର୍ଭରଶୀଳ ନହେବା, ବେରୋଜଗାରୀଙ୍କୁ କର୍ମନିଯୁକ୍ତି ନ ମିଳିବା ଇତ୍ୟାଦି ଅନେକ ସମସ୍ୟା ଭିତରେ ରହି ଅବହେଳିତ ହୋଇଛି ଅନେକ ଅଞ୍ଚଳ। ସରକାରଙ୍କ ଅନେକ ଯୋଜନା ଅଛି, କିନ୍ତୁ ଲୋକଙ୍କ ପାଖରେ ସେ ଯୋଜାନଗୁଡ଼ିକ ପହଞ୍ଚାଇପାରୁନାହିଁ। ଯଦି କାର୍ଯ୍ୟକାରୀ ହେଉଛି ତାହା କାଗଜ କଲମରେ କେବଳ ମାତ୍ର। ପ୍ରତ୍ୟକ୍ଷ ଭାବରେ ନୁହେଁ, ନିର୍ବାଚନ ପାଖେଇ ଆସିଲେ ଧୋବ ଫରଫର ବାବୁମାନଙ୍କ ମାଦ ଅପହଞ୍ଚ ଗାଁଆ ଗୁଡ଼ିକରେ ପହଞ୍ଚିଯାଆନ୍ତି। ପ୍ରତିଶ୍ରୁତି ଆଉ ପ୍ରତିଶ୍ରୁତିର ବର୍ଷା। ଅମୁକ କରିଦେବୁ, ସମୁକ କରିଦେବୁ, ନମସ୍କାର ବୁଢୀ ମାଉସୀ, ଭତ୍ତା ମିଳୁଛି କି ନାହିଁ? ମଉସା ତୁମର ଆବାସିକ ଘର ହେଲା କି ନାହିଁ? ଏମିତି ଅନେକ ପ୍ରଶ୍ନରେ ନିରୀହ ମଣିଷଙ୍କୁ କାବୁ କରିଦିଅନ୍ତି। କଳେବଳେ କୌଶଳେ ଭୋଟକୁ ହାତେଇ ଦିଅନ୍ତି। ନିରୀହ ମଣିଷ ଭୋଟ ଦେଇ ତାଙ୍କୁ ନିର୍ବାଚନରେ ଜିତାଇ ଦିଅନ୍ତି। କିନ୍ତୁ ଭୋଟ ପୂର୍ବରୁ କହିଥିବା ପ୍ରତିଶ୍ରୁତିକୁ ଟିକିଏ ମଧ୍ୟ ମନେପକାନ୍ତି ନାହିଁ।

ଭୋଟ ପୂର୍ବରୁ ହିଁ ବାବୁଙ୍କ ଦର୍ଶନ ମିଳେ। ମନୁଷ୍ୟ କେତେ ଯେ ମୌଳିକ ଅସୁବିଧାରୁ ସମ୍ମୁଖୀନ ହେଉଛି ସରକାର ମଧ୍ୟ ଜାଣିପାରେନାହିଁ ଏବଂ ଯଦି ଜଣେ ନ ଜାଣିଲା ଭଳି ଆଖି ବୁଜିଦିଏ। ଏବେ ବି ଶବଧରି ଅନେକ ଦୂର ଲୋକେ ଚାଲନ୍ତି। କାରଣ ଶବବାହ ଗାଡ଼ି ସେ ଗାଁକୁ ପହଞ୍ଚି ପାରେନା, ଏବେ ବି ରୋଗ ହେଲେ ଔଷଧ ଟିକକ ଓ ଚିକିତ୍ସା ପାଇଁ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟରେ ଦୋଳି କରି ବୁହାଯାଇ ଡ଼ାକ୍ତରଖାନାକୁ ନିଆଯିବାର ସମଗ୍ର ବିଶ୍ୱ ଦେଖୁଛି ଆମର ଏଭଳି ଦୟନୀୟ ଅବସ୍ଥାକୁ। ଡ଼ାକ୍ତରଖାନାକୁ ନେବା ବାଟରେ ରୋଗୀର ମୃତ୍ୟୁ ହୋଇଯିବାର ନଜିର ମଧ୍ୟ ରହିଛି। ବେଳେ ବେଳେ ଗର୍ଭବତୀ ମହିଳା ବାଟରେ ସନ୍ତାନ ପ୍ରସବ କରୁଥିବାର ଯଥେଷ୍ଟ ପ୍ରମାଣସ୍ୱରୂପ ଆମ ସାମନାରେ ଅଛି। କେତେକ ସ୍ଥାନରେ ନଈନାଳ ଦେଖାଯାଏ ସେଠାରେ ମଧ୍ୟ ପୋଲ ନଥିବାରୁ ଲୋକେ କାଠପୋଲ ତିଆରି କରି ଯାତାୟାତ କରନ୍ତି। ତାହା ଯଦି ମଜଭୁତ ନଥାଏ କିମ୍ବା ପୁରୁଣା ହୋଇଥାଏ, ତେବେ ଭାଙ୍ଗିଯିବାର ସମ୍ଭାବନା ଯଥେଷ୍ଟ। ଏଇଥିପାଇଁ ତ ଅକାଳରେ ନିରୀହ ଜୀବନ ଚାଲିଯାଏ। ପୋଲ ନଥିବା ଯୋଗୁଁ ବେଳେବେଳେ ଛାତ୍ରଛାତ୍ରୀ ନଈପାରି ହୋଇ ଅନେକ ଦୂର ଚାଲି ଚାଲି ବିଦ୍ୟାଳୟକୁ ମଧ୍ୟ ଯାଆନ୍ତି। ଏହା ତାଙ୍କ ଜୀବନପ୍ରତି ବିପଦାପନ୍ନ ଅଟେ। ଏହିପରି କ୍ଷେତ୍ରରେ ପ୍ରକୃତ ହିତାଧିକାରୀ ଏହିଭଳି ଅନେକ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏବେ ବି ଗ୍ରାମାଞ୍ଚଳର ହଜାର ହଜାର ଶିଶୁ ବିଦ୍ୟାଳୟ ଦୁଆର ମାଡ଼ିପାରିନାହାଁନ୍ତି। ଏଭଳି ଛୁଆଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବାକୁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ବିଫଳ ମଧ୍ୟ ହେବାକୁ ବସିଛି। ଚାଷୀ ଚାଷଜମିରେ ଉତ୍ତମ ଫସଲ ଉତ୍ପାଦନ କରିବାରେ ବିଫଳ ହେଉଛି। କାରଣ ଚାଷୀ କେବଳ ବର୍ଷାଜଳ ଉପରେ ହିଁ ଚାଷ ପାଇଁ ନିର୍ଭର କରିଥାଏ। ଉପଯୁକ୍ତ ସମୟରେ ନହେଲେ ଫସଲର କ୍ଷତି ଘଟେ। ଜଳସେଚନ ବ୍ୟବସ୍ଥାରେ ଏପର୍ଯ୍ୟନ୍ତ ଆଖିଦୃଶିଆ ଉନ୍ନତି ହୋଇନାହିଁ। ଚାଷୀଙ୍କୁ ଉତ୍ସାହିତ କରିବା ବଦଳରେ ଚାଷୀ ଆଜି ଚାଷ ବହୁଳ ଦେଶରେ ଆତ୍ମହତ୍ୟା କରୁଛନ୍ତି। ଋଣକରି ଚାଷ କରିଥିବା ଚାଷୀ ଶେଷରେ ମାନସିକ ଅଶାନ୍ତିରେ ଗତି କରେ। ଅନେକ ଚାଷଜମି ଆଜି ପଡ଼ିଆ ପଡ଼ିବା କାରଣରୁ ଉତ୍ପାଦନ ଠପ ହୋଇ ଦରଦାମ୍ ବୃଦ୍ଧି ଅହେତୁକ ସୀମା ଟପିଲାଣି। ତେଣୁ ସରକାର ଗଣଙ୍କ ସମସ୍ୟାଗୁଡ଼ିକୁ ଆନ୍ତରିକତାର ସହିତ ଅନୁଧ୍ୟାନ କରି ଉଚିତ ପଦେକ୍ଷପ ନେଲେ ସମସ୍ୟାବହୁଳ ଅଞ୍ଚଳଗୁଡ଼ିକର ଅଧିବାସୀଙ୍କ ମୁହଁରେ ହସ ଫୁଟାଇ ପାରିଲେ ଗଣତନ୍ତ୍ରର ମାନ ସୁଦୃଢ ହେବ।

**ପ୍ରଦୀପ ସେନାପତି**, ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଓଡ଼ିଶା ତଥା ରାଜ୍ୟସ୍ତରୀୟ ସାମ୍ବାଦିକ, ସ୍ତମ୍ଭକାର, ଓଡ଼ିଶା ନିୟୁଜ ସର୍ଭିସି (ଓ.ଏନ୍.ଏସ୍), ଜିଲ୍ଲାପାଳ ରୋଡ଼, ଭଦ୍ରକ, ମୋ: ୯୪୩୮୪୪୬୫୭୫

# ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୭୫ କୋଟି ସୂର୍ଯ୍ୟ ନମସ୍କାର

ଭୁବନେଶ୍ୱର (ପିଏନ୍): ଯୋଗାସନ ସ୍ପୋର୍ଟ ଆସୋସିଏସନ, ଓଡ଼ିଶା ହେଉଛି ଜାତୀୟ ଯୋଗାସନ କ୍ରୀଡା ସଂଘର ଓଡ଼ିଶା ଶାଖା, ଏହା ଭାରତ ସରକାରଙ୍କର କ୍ରୀଡା ବିଭାଗ ଦ୍ୱାରା ମାନ୍ୟତାପ୍ରାପ୍ତ। କୋରୋନା ସମୟରେ ଯୋଗ ତଥା ସୂର୍ଯ୍ୟନମସ୍କାରର ଗୁରୁତ୍ୱ ବହୁତ ବେଶୀ। ସମଗ୍ର ମାନବଜାତିକୁ ସୁସ୍ଥ ରଖିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ, ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟ ସମେତ ଅନେକ କେନ୍ଦ୍ର ମନ୍ତ୍ରାଳୟ ସହିତ ଜାତୀୟ ଯୋଗାସନ କ୍ରୀଡା ଫେଡେରେସନ, ପତଂଜଳି ଯୋଗପୀଠ, ହୃଦୟସ୍ପର୍ଶୀ ପ୍ରତିଷ୍ଠାନ, ଗୀତା ପରିବାର ଓ କ୍ରୀଡା ଭାରତୀର ମିଳିତ ସହଯୋଗରେ ୭୫ କୋଟି ସୂର୍ଯ୍ୟନମସ୍କାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ ପାଳନ କରାଯାଉଅଛି। ଏହି କାର୍ଯ୍ୟକ୍ରମ ଗତ ଜାନୁଆରୀ ୩ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରକଳ୍ପରେ ଯେଉଁମାନେ ଅଂଶଗ୍ରହଣ କରିବେ, ସେମାନଙ୍କୁ www.75suryanamaskar.comରେ ପଂଜିକରଣ କରିବାକୁ ହେବ। ଏଥିରେ ବ୍ୟକ୍ତିଗତ, ଆନୁଷ୍ଠାନିକ ଓ ସ୍ୱେଚ୍ଛାସେବୀ ଆଦି ତିନିପ୍ରକାର ପଂଜିକରଣ ସୁବିଧା ରହିଛି । ପଂଜିକରଣ ପରେ ଦିନକୁ ୧୩ ଥର ସୂର୍ଯ୍ୟନମସ୍କାର ୨୧ ଦିନ ପର୍ଯ୍ୟନ୍ତ କରିବା ପରେ ଏକ ପ୍ରମାଣ ପତ୍ର ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହାର ବିଶେଷ କାର୍ଯ୍ୟକ୍ରମ ସ୍ୱରୂପ ମକର ସଂକ୍ରାନ୍ତି, ୨୬ ଜାନୁଆରୀ ଓ ରଥ ସପ୍ତମୀକୁ ରଖାଯାଇଛି । ଏହି ଅବସରରେ ଓଡ଼ିଶାରୁ ୫ଲକ୍ଷ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ବର୍ଗ ଓ ମହିଳା ଅଂଶଗ୍ରହଣକରି ୫ କୋଟି ସୂର୍ଯ୍ୟନମସ୍କାର କରିବା ପାଇଁ ଲକ୍ଷ୍ୟ ରହିଛି। ଓଡ଼ିଶାରେ ୧୦୦ରୁ ଉର୍ଦ୍ଧ୍ୱ ଅନୁଷ୍ଠାନରେ ବିଶେଷ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗାସନ ସ୍ପୋର୍ଟ ଆସୋସିଏସନର ସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ସହଯୋଗ କାମନା ପାଇଁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପତଂଜଳୀ ଯୋଗ ସମିତି ଓଡ଼ିଶା ପ୍ରଭାରୀ ତଥା YSAOର ବରିଷ୍ଠ ଉପସଭାପତି ସୁଧାଂଶୁ ଅଧିକାରୀ, ଉପସଭାପତି ଡ. ପ୍ରଶାନ୍ତ କୁମାର ପ୍ରଧାନ, ପ୍ରଫେସର ସୁବାଷ ଚନ୍ଦ୍ର ଦାଶା, ମୁଖ୍ୟ, ସଂସ୍କୃତ ଓ ଯୋଗ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଯୋଗ ମହୋତ୍ସବ ସମିତିର ସଂପାଦକ ଦିବାକର ହରିଚନ୍ଦନ, ଶିକ୍ଷା ବିକାଶ ସମିତି ଓଡ଼ିଶାର ରୁଦ୍ରନାରାୟକ ବେହେରା ଅଶ୍ୱିନୀ ନାୟକ ଓ YSAO ସମ୍ପାଦକ ସରୋଜକାନ୍ତ ମହାପାତ୍ର ତଥା ୭୫ କୋଟି ସୂର୍ଯ୍ୟନମସ୍କାର କାର୍ଯ୍ୟକ୍ରମର ଓଡ଼ିଶା ନିର୍ଦ୍ଦେଶକ ଡ. ସଂଜୟ କୁମାର ପଣ୍ଡା ସୂଚନା ପ୍ରଦାନ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com





ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ପ୍ରତାପ ଚନ୍ଦ୍ର ମହାପାତ୍ର
ଗ୍ରାମୀଣ ଜଳ ଯୋଗାଣ ଏବଂ
ପରିମଳ ବିଭାଗ
ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ଦିଗମ୍ବର ନାୟକ
ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏବଂ ସମସ୍ତ
କନିଷ୍ଠ ଯନ୍ତ୍ରୀ ଓ ଛତ୍ରପୁର ବ୍ଲକର ସମସ୍ତ ଜିପି
ଟିଏସ୍ ଏବଂ ଜି.ଆର.ଏସ , ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ମନୋଜ କୁମାର ବେହେରା
ଏକଜ୍ୟୁକ୍ୟୁଟିଭ ଇଞ୍ଜିନିୟର, ଡିଆରଡିଏ
ଗଞ୍ଜାମ, ଛତ୍ରପୁର

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ଅଜିତ କୁମାର ପ୍ରଧାନ
ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ
ହୁମା ଜଳସେଚନ ଉପ-ବିଭାଗ
ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ସୀତାରାମ ପଣ୍ଡା
କାର୍ଯ୍ୟନିର୍ବାହୀ ଯନ୍ତ୍ରୀ
ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ
ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ବନ ବିଭାଗ ଅଧିକାରୀ
ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ତ୍ରିଲୋଚନ ସାହୁ
ଅଧୀକ୍ଷଣ ଯନ୍ତ୍ରୀ
ଗ୍ରାମୀଣ କାର୍ଯ୍ୟ ଏବଂ ବିଭାଗ ନଂ.୨
ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ସରୋଜ କୁମାର ଗୁପ୍ତା
ଅଧୀକ୍ଷଣ ଯନ୍ତ୍ରୀ
ହରଭଙ୍ଗୀ ଜଳସେଚନ ବିଭାଗ
ଅଦାଭା, ମୋହନା, ଗଜପତି

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଚୌଧୁରୀ ରଜନୀ କାନ୍ତ
ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା
ଆସ୍କା ରୋଡ୍, ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଶ୍ରୀ ରାଜେନ୍ଦ୍ର କୁମାର ଭୋତ୍ରା
ଅବକାରୀ ଅଧୀକ୍ଷକ
ଗଞ୍ଜାମ, ଛତ୍ରପୁର

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ସଞ୍ଜିବ କୁମାର ଦାଶ ଶର୍ମା
ଅଧୀକ୍ଷଣ ଯନ୍ତ୍ରୀ
ଚ୍ରିକିଟି ଜଳସେଚନ ବିଭାଗ
ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ବିକାଶ ଚୌଧୁରୀ
ଆର.ଟି.ଓ
ଇଂ ଶିବ ଚୌଧୁରୀ
ଏମ.ଭି.ଆଇ
ଗଞ୍ଜାମ, ଛତ୍ରପୁର

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ଏମ. ଜଗଦିସ୍ ରାଓ
ସ୍ପେଶାଲ କ୍ଲାସ୍ ଇଞ୍ଜିନିୟରିଂ କଣ୍ଟ୍ରାକ୍ଟର
ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ରଘୁନାଥ ମହାପାତ୍ର
ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ
ରମ୍ଭା (ଆର ଆଣ୍ଡ ବି) ଉପ-ବିଭାଗ
ରମ୍ଭା, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ଜୟଦୀପ ପଣ୍ଡା
ଅଧୀକ୍ଷଣ ଯନ୍ତ୍ରୀ
ବ୍ରହ୍ମପୁର ଜଳସେଚନ ବିଭାଗ
ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଶୁଭେଚ୍ଛୁ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଗଞ୍ଜାମ ଆଇନ କଲେଜ
ଅମ୍ବାପୁଆ, ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଶ୍ରୀ ପୁଷା ମୁଣ୍ଡ
ଓ.ସି.ଏସ.ଏସ (୧) - ଜିଲ୍ଲା
ପରିଚାଳକ
ଓ.ଏସ.ସି.ଏସ.ସି. ଲିମିଟେଡ୍
ଗଞ୍ଜାମ, ଛତ୍ରପୁର

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ପ୍ରମୋଦ କୁମାର ପଣ୍ଡା
ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ
ବ୍ରହ୍ମପୁର ଜଳସେଚନ ଉପ-ବିଭାଗ
ଗଞ୍ଜାମ

ସାଧାରଣତନ୍ତ୍ର ଦିବସ
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା
ଇଂ ଅଶୋକ କୁମାର ବେହେରା
ସହକାରୀ ଯନ୍ତ୍ରୀ
ଛତ୍ରପୁର (ଆର ଆଣ୍ଡ ବି) ବିଭାଗ
ଛତ୍ରପୁର, ଗଞ୍ଜାମ

## ଶେଷ ଦିନରେ ୮୩ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାହାର: ୨ ସରପଂଚ ଓ ୨ ସମିତିସଭ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ

ଧର୍ମଶାଳା, (ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ମଙ୍ଗଳବାର ନାମାଙ୍କନ ପତ୍ର ପ୍ରତ୍ୟାହାର ଶେଷ ଦିନ ସୁଦ୍ଧା ଧର୍ମଶାଳା ବ୍ଲକରେ ୮୩ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପ୍ରତ୍ୟାହର କରିଛନ୍ତି । ଏବେ ନିର୍ବାଚନ ରଣାଙ୍ଗନରେ ୧୨୩୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ । ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତ ଓ ୬୩୭ ଗୋଟି ୱାର୍ଡ ପାଇଁ ସମିତି ସଭ୍ୟ,ସରପଂଚ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ନାମାଙ୍କନ ଯାଂଚ ପରେ ୧୩୫୩ଜଣ ପ୍ରାର୍ଥୀ ରହିଥିଲେ । ସେଥି ମଧ୍ୟରୁ ଗତକାଲି ୩୯ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବା ବେଳେ ଆଜି ୮୩ଜଣ ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିଛନ୍ତି । ଆଜି ୧୬ ଜଣ ସମିତି ସଭ୍ୟ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି । ଫଳରେ ଚହଟା ପଂଚାୟତର ସମିତିସଭ୍ୟା ପ୍ରାର୍ଥୀ ସସ୍ମିତା ନାୟକ



ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି । ସେହିପରି ବିଭିନ୍ନ ପଂଚାୟତରେ ସରପଂଚ ପ୍ରାର୍ଥୀଙ୍କ ମଧ୍ୟରୁ ଆଜି ୨୩ଜଣ ଓ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ୪୪ଜଣ ମୋଟ ୮୩ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କପତ୍ର ପ୍ରତ୍ୟାହାର କରିଥିବା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ଗତକାଲି ଓ ଆଜି ୨୦୬ ସରପଂଚ ପ୍ରାର୍ଥୀଙ୍କ ମଧ୍ୟରୁ ୩୯ଜଣ, ୧୬୪ଜଣ ସମିତିସଭ୍ୟ ମଧ୍ୟରୁ ୨୩ ଜଣ ଓ ୯୮୩ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୬୦ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ଫଳରେ ୧୨୩୧ଜଣ ନିର୍ବାଚନ ମାଇଦାନରେ ପ୍ରତିଦ୍ୱନ୍ଦିତା କରିବେ । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଆରୁହା, ହରିଦାସପୁର ପଂଚାୟତର ସରପଂଚ ପଦ ଓ ମଧୁପୁରଗଡ, ଚହଟା ପଂଚାୟତର ସମିତିସଭ୍ୟ ପଦ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ରହିଥିବାରୁ ସେମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବିଡିଓ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

## ଜେ.ଏସ୍.ଡବ୍ଲ୍ୟୁ ଅଂଚଳରେ ଜମି ଅଧିଗ୍ରହଣ କାର୍ଯ୍ୟ ଜାରୀ

ପାରାଦୀପ,(ପି.ଏନ): ଏରସମା ବ୍ଲକ୍ ଅଧିନସ୍ଥ ଢିଙ୍କିଆ,ନୂଆଗାଁ, ଗଡକୁଜଙ୍ଗ ଅଂଚଳରେ ପାନବରଜ ମାପଚୁପ ଓ ଭଙ୍ଗା କାର୍ଯ୍ୟ ଜାରୀ ରହିଛି । ଗୋବିନ୍ଦପୁର ଗାଁରେ ଫଳନ୍ତି ଗଛ ଚିହ୍ନଟ ପ୍ରକ୍ରିୟା ଆଗେଇ ଚାଲିଛି । ଏହି ଗାଁର ଆଠହଜାରରୁ ଊର୍ଦ୍ଧ୍ୱ ଗଛକୁ ଚିହ୍ନଟ କରାଯାଇଛି । ସୋମବାର ଦିନ ସୁଦ୍ଧା ୫୯୫ଜଣ ହିତାଧିକାରୀଙ୍କ ୬୪୪ଟି ପାନବରଜ ମାପଚୁପ କରାଯାଇଛି । ଏଥି ମଧ୍ୟରୁ ୫୬୮ଟି ବରଜ ଭଙ୍ଗା ଯାଇଥିବା ବେଳେ ୪୨୨ଜଣ ହିତାଧିକାରୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି । ଏପର୍ଯ୍ୟନ୍ତ ୪୮.୪୫ଏକର ଜମି ଅଧିଗ୍ରହଣ ହୋଇଛି । ଏରସମା ତହସିଲ ପକ୍ଷରୁ ୫ଟି ଟିମ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି ।

## ପରିବା ଦୋକାନରୁ ଧଳା ଜହର ଜବତ,ଜଣେ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,(ପିଏନ): ଧଳା ଜହରର ପେଣ୍ଟସ୍ଥଳ ପାଲଟି ଥିବା ବେଳେ ବିଭିନ୍ନ ସ୍ଥାନରେ ଅଭିନବ ଉପାୟରେ ଧଳା ଜହର ବେପାର ଚ଼ାଲିଥିବା ବେଳେ କଟକ ଜିଲ୍ଲା ଅବକାରୀ ବିଭାଗର ସ୍ୱଶାଳ ସ୍କ୍ୱାର୍ଡ କୌଣସି ସୂତ୍ରରୁ ଖବର ପାଇ ଆଜି ଏକ ଯୁବକକୁ ଗିରଫ କରିଛି । ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ପଶୁ ଡାକ୍ତରଖାନା ଛକ ନିକଟରେ ଏକ ପରିବା ଦୋକାନରେ ଚ଼ଢ଼ାଉ କରିଥିଲେ । ରାଜେନ୍ଦ୍ର ପୃଷ୍ଟି(୪୫)ନାମକ ଜଣେ ବ୍ୟକ୍ତିଙ୍କ ନିକଟରୁ ୨୭୫ଗ୍ରାମ ବ୍ରାଉନ ସୁଗାର ସହ ନଗଦ ୧ଲକ୍ଷ ୧୩ ହଜାର ଟଙ୍କା ଜବତ କରାଯାଇଛି । ଯାହାର ମୂଲ୍ୟ ଆନୁମାନିକ ୨୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ପରିତାପର ବିଷୟ ଖୋର୍ଦ୍ଧା ସହରର ମୁଖ୍ୟ ରାସ୍ତାରେ ଧଳା ଜହର ବେପାର ଚ଼ାଲିଥିବା ବେଳେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କ ନଜରକୁ ଆସୁନଥିଲା କେମିତି ସାଧାରଣରେ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି । ଅଭିଯୁକ୍ତ ଠାରୁ ତଥ୍ୟ ଆସିବା ପରେ ମୁଣ୍ଡ ବ୍ୟଥାର କାରଣ ପାଲଟିଛି ।



ଯାହାକି ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ଆଣି ଛୋଟ ଛୋଟ ପାଉଚ୍ କରି ବିକ୍ରୀ ଆଂଚ଼ଳିକ ବଜାରରେ ବିକ୍ରୀ କରୁଥିଲେ ।

## ଢିଙ୍କିଆରେ ପ୍ରାଉଟିଷ୍ଟ ଫୋରମ୍‌ର ପ୍ରତିନିଧି-ପରିସ୍ଥିତି ଚିନ୍ତାଜନକ କହିଲେ ଟିମ୍

ପାରାଦୀପ, (ପି.ଏନ):ଗତ ୧୪ ତାରିଖରେ ଏରସମା ବ୍ଲକ୍‌ର ଢିଙ୍କିଆ ଗ୍ରାମରେ ପୋଲିସ୍-ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ । ପୋଲିସ୍ ମାଡରେ ଢିଙ୍କିଆ ଗ୍ରାମବାସୀଙ୍କ ସହିତ ଗାଁର ମହିଳା,ଶିଶୁ ଓ ବୟସ୍କ ବି ପୋଲିସ୍ ମାଡରୁ ବର୍ଞ୍ଚୀ ନଥିଲେ । ଏହି ଘଟଣାର ଚିନ୍ତା ପ୍ରକଟ କରି ନୂଆଦିଲ୍ଲୀର ପ୍ରାଉଟିଷ୍ଟ ଫୋରମ୍ ପକ୍ଷରୁ ତିନିଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଦିନ ଢିଙ୍କିଆ ଗ୍ରାମରେ ପହଂଚି ସ୍ଥିତି ଅନୁଦ୍ଧାନ କରିଥିଲେ । ଢିଙ୍କିଆରୁ ଫେରିବା ପରେ ପାରାଦୀପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଟିମ୍‌ର ସଦସ୍ୟମାନେ ଭେଟି ଥିଲେ । ପ୍ରଶାସନର ଭୂମିକାକୁ ପ୍ରତିନିଧି ଦଳ ଦୃଢ ଭାବେ ନିନ୍ଦା କରିଥିଲେ । ସବୁ କାର୍ଯ୍ୟ ଶାନ୍ତିପୂର୍ଣ୍ଣ ଭାବେ ଓ ସହମତି ଭିତ୍ତିରେ ହେବା ଦରକାର ବୋଲି ପ୍ରତିନିଧି ଦଳରେ ସାମିଲ ହୋଇଥିବା ମହିଳା ସଦସ୍ୟା ଜୋସ୍ନାରାଣୀ ପ୍ରଧାନ କହିଛନ୍ତି । ଶିଶୁ, ମହିଳା ଓ ଝିଅମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ଫୋରମ୍ ବିରୋଧ କରିଛି । ଏବେବି ଢିଙ୍କିଆବାସୀ ପୋଲିସ୍ କୁ ଡରୁଛନ୍ତି । ଆଜି ଯାଏବି ବହୁ ଲୋକ ଗାଁକୁ ଫେରିନାହାନ୍ତି ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଟିମ୍‌ର ଅନ୍ୟ ସଦସ୍ୟ ଲକ୍ଷ୍ମୀକାନ୍ତ ଦେଶାଇ, ସଂଜୟ କୁମାର ଗଣମାଧ୍ୟମକୁ କହିଛନ୍ତି । ଜୋର ଜବରଦସ୍ତ ଜମି ଅଧିଗ୍ରହଣ କୁ ଫୋରମ୍ ବିରୋଧ କରିଛି, ପାରାଦୀପ ଅଂଚଳରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥା ଆଜି ଯାଏ ଜମିହରା ବିସ୍ଥାପିତଙ୍କୁ ନିଯୁକ୍ତି ଦେଇ ନଥିବା ବେଳେ ଜେ.ଏସ୍.ଡବ୍ଲ୍ୟୁ କିପରି ନିଯୁକ୍ତି ଦେବ ସେ ନେଇ ଫୋରମ୍ ପ୍ରଶ୍ନ କରିଛି ।




ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଖଲିକୋଟ ଅଞ୍ଚଳର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା

ସୂର୍ଯ୍ୟମୟୀ ବୈଦ୍ୟ
ବିଧାୟିକା, ଖଲିକୋଟ

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଶ୍ରୀ ଅର୍ଜୁନ ସ୍ୱାଇଁ
ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା
ହର୍ଷ ବିହାର, ଆସ୍କା ରୋଡ୍
ବ୍ରହ୍ମପୁର, ଗଞ୍ଜାମ

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଛତ୍ରପୁର ଅଞ୍ଚଳର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା



ସୁବାସ ଚନ୍ଦ୍ର ବେହେରା
ବିଧାୟକ, ଛତ୍ରପୁର

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

କାର୍ଯ୍ୟନିର୍ବାହୀ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚ଼ନ ବିଭାଗ
ଭଞ୍ଜନଗର, ଗଞ୍ଜାମ



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବ୍ରହ୍ମପୁର ଅଞ୍ଚଳର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା

ବିକ୍ରମ ପଣ୍ଡା
ବିଧାୟକ, ବ୍ରହ୍ମପୁର

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଶ୍ରୀ ମହେଶ ଚ଼ନ୍ଦ୍ର ଅଗ୍ରୱାଲ
ସାମାଜିକ କାର୍ଯ୍ୟକର୍ତ୍ତା
ଆସ୍କା ରୋଡ୍, ବ୍ରହ୍ମପୁର, ଗଞ୍ଜାମ

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray